# Akashvani, Sambalpur

## SAMBALPURI NEWS BULLETIN

### 15 August 2024- 6.47- 6.52 am.

*********************************************

ସ୍ୱାଧୀନତା ଦିବସ୍ ସମାରୋହ- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଦିଲ୍ଲୀର୍ ଐତିହାସିକ ଲାଲ୍‌କିଲ୍ଲା ପ୍ରାଚୀରନୁ ଆଉ କିଛି ସମିଆ ଉତ୍‌ରୁ ଜାତୀୟ ପତାକା ଉତୋଲନ୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇ ବଛର୍ ସ୍ୱାଧୀନତା ଦିବସ୍‌ର ବିଷେ ହେଉଛେ 'ବିକଶିତ ଭାରତ୍-୨୦୪୭' । ଜନଭାଗିଦାରୀକେ ବଢ଼ାବାର୍ ଉଦ୍ଦେଶ୍ୟ୍ ଲାଲ୍‌କିଲ୍ଲା ଠାନେ ଇ ସମାରୋହକେ ଆସ୍‌ବାର୍ ଲାଗି ୬ ହଜାର୍ ସ୍ୱତନ୍ତ୍ର ଅତିଥିଙ୍କୁ ନିଉତା ଦିଆଯାଇଛେ । ଇତାର୍‌ଭିତ୍‌ରେ ଯୁଆନ୍ ପିଢ଼ି, ଆଦିବାସୀ ସମ୍ପ୍ରଦାୟ, ଚାଷୀ, ମହିଲା ଆର୍ ଅଲ୍‌ଗା ସ୍ୱତନ୍ତ୍ର ଅତିଥି ମାନେ ରହିଛନ୍ । ଇ ବ୍ୟକ୍ତିବିଶେଷ୍‌ମାନେ ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ଆଉ ପ୍ରୋତ୍ସାହନ୍ ସାହାଜ୍‌ଥି ଭିନ୍ ଭିନ୍ କ୍ଷେତ୍ର ନ ଭଲ୍ ପ୍ରଦର୍ଶନ୍ କରିଛନ୍ । ସେନ୍ତା ଭିନ୍ ଭିନ୍ ରାଜ୍ୟ ଆଉ

କେନ୍ଦ୍ରଶାସିତ୍ ଇଲାକାନୁ ପାରମ୍ପାରିକ୍ ପୋଷାକ୍ ପିନ୍ଧିକରି ପାଖାପାଖି ୨ ହଜାର୍ ଲୋକ୍ ଆସ୍‌ବେ । ଇତାର୍‌ସହେତେ ମାଇ ଗଭ୍ ଆର୍ ଆକାଶ୍‌ବାଣୀର ମିଲିତ ସହଯୋଗ୍‌ଥି ପ୍ରତିରକ୍ଷା ମନ୍ତ୍ରଣାଲୟ ତର୍‌ଫୁ ହେଇଥିବା ଭିନ୍ ଭିନ୍ ଅନ୍‌ଲାଇନ୍ ପ୍ରତିଯୋଗିତାର୍ ୩ ହଜାର୍ ବିଜେତା ଇ ଉତ୍ସବ୍‌ଥି ସାମିଲ୍ ହେବେ ବଲି ସୂଚ୍‌ନା ମିଲିଛେ । ସେନ୍ତା ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍ ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ସାହସିକତା ପୁରସ୍କାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଶହେ ୩ ଟା ସାହସିକତା ପୁରସ୍କାର୍‌କେ ମଞ୍ଜୁରୀ ଦେଇଛନ୍ । ଇ ପୁରସ୍କାର୍ ସଶସ୍ତ୍ର ବାହିନୀ ଆଉ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର୍ ଯବାନ୍ ମାନ୍‌କୁ ମିଲ୍‌ବା । ଇତାର୍ ଭିତ୍‌ରେ ୪ ଟା କିର୍ତୀଚକ୍ର ଆର୍ ୧୮ ଟା ସୌର୍ଯ୍ୟଚକ୍ର ସାମିଲ୍ ଅଛେ । ସେନ୍ତା ୯ ଝନ୍‌କୁ ମରଣୋତର୍ ଭାବେ ଇ ସମ୍ମାନ୍ ଦିଆଯିବା ।

ରାଷ୍ଟ୍ରପତି ପଦକ          ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ୱାଧୀନତା ଦିବସ୍ ଅବ୍‌ସରେ ଉଲ୍ଲେଖନୀୟ, ପ୍ରଶଂସନୀୟ ଆର୍ ବୀରତ୍ୱ ସେବା ଲାଗି ଗୃହ ମନ୍ତ୍ରଣାଳୟ ତର୍‌ଫୁ ରାଷ୍ଟ୍ରପତି ପଦକ୍ ଘୋଷ୍‌ନା କରାଯାଇଛେ । ଓଡ଼ିଶା ପୁଲିସ୍, ଅଗ୍ନିଶମ, ହୋମ୍‌ଗାର୍ଡ଼ ଆର୍ ଜେଲ୍ ବିଭାଗ୍‌କେ ମିଶେଇକରି ମୋଟ୍ ୨୦ ଝନ୍‌କୁ ରାଷ୍ଟ୍ରପତି ପଦକ୍ ଦିଆଯିବା । ପୁଲିସ୍ ବିଭାଗ୍‌ର ୧୩ ଝନ୍, ଜେଲ୍ ବିଭାଗ୍‌ନୁ ଝନେ, ଅଗ୍ନିଶମ ଆଉ ହୋମ୍‌ଗାର୍ଡ଼ ବିଭାଗ୍‌ନୁ ୬ ଝନ୍ ଇ ପଦକ୍ ପାଏବେ । ଉଲ୍ଲେଖନୀୟ ସେବା ଲାଗି ଓଡ଼ିଶାର୍ ୨ ଝନ୍‌କୁ ରାଷ୍ଟ୍ରପତି ପଦକ୍ ମିଲ୍‌ବା । ସେମାନେ ହେଲେ ଆଇପିଏସ୍ ସୁରେଶ୍ ଦେବଦତ ସିଂ ଆର୍ ଡି.ଏସ୍.ପି. ସଚ୍ଚିଦାନନ୍ଦ ରଥ । ସେନ୍ତା ପ୍ରଶଂସନୀୟ ସେବା ଲାଗି ୧୧ ଝନ୍‌କୁ ପୁଲିସ୍ ପଦକ୍ ଦିଆଯିବା । ଇମାନ୍‌କୁ ୨୦୨୫ ଜାନୁଆରୀ ୨୬ ତାରିଖ୍ ଦିନ ରାଜ୍ୟପାଲ୍ ଆଉ ମୁଖ୍ୟମନ୍ତ୍ରୀ ଗୁଟେ ସ୍ୱତନ୍ତ୍ର ସମାରୋହଥି ପଦକ୍ ଦେବେ ।

ବିଧାୟକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍       ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ବିଧାୟକ୍‌ମାନ୍‌କର୍ ଲାଗି ଆଏବା ୧୭ ତାରିଖ୍ ଦିନ ଗୁଟେ ୨ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍‌କେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବେ । ଇଥି ବିଧାନ୍‌ସଭାର୍ ସଦସ୍ୟମାନ୍‌କୁ ଗୃହର୍ ନୀତି ନିୟମ୍ ଆର୍ ଗୃହ ପରିଚାଳନା ବାବ୍‌ଦେ ଶିକ୍ଷା ଦିଆଯିବା । ଇଥର ବିଧାନ୍‌ସଭାକେ ୮୪ ଝନ୍ ନୂଆଁ ବିଧାୟକ୍ ପହେଲାଥର୍ ଲାଗି ଆସିଛନ୍ । ବହୁତ୍‌ଟେ ବିଧାୟକ୍ ଗୃହର୍ ନୀତି ନିୟମ୍ ବାବ୍‌ଦେ ଅଭ୍ୟସ୍ତ ନାଇଁନ । ଇଥିର୍‌ଲାଗି ସେମାନ୍‌କୁ ପ୍ରଶିକ୍ଷଣ ଦେବାର୍ ସହେତେ ପୁର୍‌ନା ସଦସ୍ୟମାନ୍‌କୁ ନେଭା ଆପ୍ଲିକେସନ୍ ବାବ୍‌ଦେ ଜନାବାର୍ ଲାଗି ବାଚସ୍ପତି ଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ ଆୟୋଜନ୍ କରିଛନ୍ ।

ଜଳବାହିତ ରୋଗ- ରାଜ୍ୟସର୍‌କାର୍ ସମୀକ୍ଷା

ଆର୍‌ଏନ୍‌ୟୁ /ସମ୍ବଲପୁର

ଚଲ୍‌ତି ମୌସୁମୀ ଋତୁଥି ଡେଙ୍ଗୁ, ଡାଇରିଆ ଆର୍ ମେଲେରିଆ ରୋଗ୍‌ଥି ସଂକ୍ରମିତ ହେଇକରି ଯେନ୍ତା କାହାରି ଜୀବନ୍ ନାଇଁ ଯିବା, ସେ ଦିଗେ ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ । ଇ ସବୁ ରୋଗ୍‌ର ପ୍ରତିରୋଧ୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଭାଗୀୟ ଅଧିକାରୀଙ୍କୁ

ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ହେଇଥିବା ଜଳବାହିତ ଆର୍ ଭେକ୍ଟର୍ ବାହିତ ରୋଗ୍ ବାବ୍‌ଦେ ବୈଠକ୍‌ଥି ଇ ବିଷେ ଉପ୍‌ରେ ଆଲୋଚନା ହେଇଛେ । ଡେଙ୍ଗୁ, ଡାଇରିଆ ଆର୍ ମେଲେରିଆ ରୋଗ୍‌ଥି ଆକ୍ରାନ୍ତ ହେଉଥିବା ଲୋକ୍‌ମାନ୍‌କର୍ ଭଲ୍ ଚିକିତ୍ସା ଲାଗି ସହର୍ ଆର୍ ଗାଁ ଇଲାକାମାନ୍‌କେ ସ୍ୱାସ୍ଥ୍ୟସେବାକେ ଅଏତ୍‌କା ବ୍ୟବସ୍ଥିତ୍ ଆଉ କ୍ରୀୟାଶୀଳ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇ ବୈଠକ୍‌ଥି କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍‌ଗଡ୍, ବୌଦ୍ଧ ସହେତେ ୧୫ ଟା ଜିଲ୍ଲାର୍ ଡେଙ୍ଗୁ, ଡାଇରିଆ ଆର୍ ମେଲେରିଆ ରୋଗ୍‌ର ଏଛେନ୍ ଥିବା ଥିତି ଆଉ ପରିସଂଖ୍ୟାନ୍‌ର ସମୀକ୍ଷା କରାଯାଇଥିଲା ।

ଜଳବାୟୁ ପରିବର୍ତନ୍ ମନ୍ତ୍ରୀ-ବଲାଙ୍ଗିର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଜଙ୍ଗଲ୍, ପରିବେଶ୍, ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ବଲାଙ୍ଗିର୍ ଗସ୍ତଥି ଆସିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଥିବା ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ସଞ୍ଜ୍‌ବେଲେ ଗୁଟେ ସମୀକ୍ଷା ବୈଠକ୍ କରିଥିଲେ ।

ଜଙ୍ଗଲ୍ ବିଭାଗ୍‌ର ଅଧିକାରୀ, କର୍ମଚାରୀମାନ୍‌କୁ ନେଇକରି ଭିନ୍ ଭିନ୍ ପ୍ରକଳ୍ପ ଉପ୍‌ରେ ସମୀକ୍ଷା କରାଯାଇଥିଲା । ଜଙ୍ଗଲ୍ ବିଭାଗ୍‌ର ଯେନ୍ ପ୍ରକଳ୍ପ ମାନ୍ ପଡ଼ି ରହିଛେ ତାର୍ କାମ୍ ଫେର୍‌ଘାଏ ଚାଲୁ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ବଲାଙ୍ଗିର୍ ଜିଲ୍ଲା ଦାଦନ୍ ଚାଲାଣ୍ କମ୍ କର୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ କହିଛନ୍ ।

ରଥଯାତ୍ରା- ଅଘଟନ୍- ତଦନ୍ତ ଶେଷ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରଥଯାତ୍ରା ସମିଆଥି ଶ୍ରୀବଳଭଦ୍ରଙ୍କର୍ ରଥ ନ ହେଇଥିବା ଅଘଟନ୍‌ର ତଦନ୍ତ୍ ସରିଛେ । ଇ ବାବ୍‌ଦେ ଗୁଟେ ରିପୋର୍ଟ ଗଠିତ୍ ହେଇଥିବା ୩ ଝନିଆ କମିଟି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କୁ ଗଲାକାଏଲ୍ ଦେଇଛନ୍ । ଇ ରିପୋର୍ଟକେ ଆଏବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ୍‌ଥି ଉପସ୍ଥାପିତ୍ କରାଯିବା । ସେନ ଆଲୋଚନା ସର୍‌ବାର୍ ଉତ୍‌ରୁ ପରବର୍ତ୍ତୀ ନିଷ୍ପତି ନିଆଯିବା ବଲି ସୂଚ୍‌ନା ମିଲିଛେ ।

ଓୟୁଏଟି- ବୁଝାମଣାପତ୍ର ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟି ଆଉ ଆଇଆଇଟି ଭୁବ୍‌ନେଶ୍ୱର୍ ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ବୁଝାମଣାପତ୍ର ଜରିଏ ଦୁହି ବିଶ୍ୱବିଦ୍ୟାଳୟ ଭିତ୍‌ରେ ସୂଚନା ଆଉ ବୈଷୟିକ ଜ୍ଞାନ୍ କୌଶଲ୍‌ର ଆଦାନ୍ ପ୍ରଦାନ୍ ଛାତ୍ରଛାତ୍ରୀଙ୍କୁ ଆଏବା ଦିନେ ଶିକ୍ଷା କ୍ଷେତ୍ରଥି ସାହାଜ୍ କର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀର୍ ପ୍ରଭାବ୍‌ଥି ବର୍ଷା ଲାଗି ରହିଛେ । ଆଏଜ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବର୍‌ଗଡ଼୍, ସୋନ୍‌ପୁର୍, କଲାହାଣ୍ଡି, ବୌଦ୍ଧ ସହେତେ ୧୯ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।